The Odisha Gazette

EXTRAORDINARY

PUBLISHED BY AUTHORITY

No. 1642 CUTTACK, FRIDAY, JULY 7, 2023/ASADHA 16, 1945

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଘୋଷଣା

**The 6th June 2023**

**S.R.O. No. 440/2023**—ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୮ ଅଧିନିୟମ ୨ ଅନୁସାରେ କେନ୍ଦୁଝର ଜିଲ୍ଲାର ୦୧ ଗୋଟି ତହସିଲର ୦୨ ଟି ଗ୍ରାମପଞ୍ଚାୟତର ୦୨ ଗୋଟି ଗ୍ରାମର ର ୦.୧୨୦ ଏକର ଏକସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମଣ୍ଡୁଆ ରୁ ବଡ଼ବିଲ ରାସ୍ତାରେ ଅରଡେଇ ନଦୀ ଉପରେ ଏଚ. ଏଲ ପୋଲ ନିର୍ମାଣ ନିମନ୍ତେ ନିର୍ବାହୀ ଅଧିକ୍ଷଣ ଯନ୍ତ୍ରୀ (ଆର. ଡବ୍ଲୁ ) ଡିଭିଜନ-୨, କେନ୍ଦୁଝରଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି । ଏହାଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଥିବା ନିମ୍ନସୂଚୀତ 'କ' ତଫସିଲ ଜମି ନିମନ୍ତେ, କେନ୍ଦୁଝର ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟକୁ ତର୍ଜମା କରି ସରକାରଙ୍କ ଦ୍ୱାରା ନିମ୍ନୋକ୍ତ ନିଷ୍ପତ୍ତି ନିଆଗଲା ।

୧. ମଣ୍ଡୁଆ ରୁ ବଡ଼ବିଲ ରାସ୍ତାରେ ଅରଡେଇ ନଦୀ ଉପରେ ଏଚ. ଏଲ ପୋଲ ନିର୍ମାଣ ନିମନ୍ତେ ଅଧିଗ୍ରହଣ କରାଯାଉଥିବା ୦୨ଟି ଗ୍ରାମର ଏକର ୦.୧୨୦ ଡି. ଜାଗା ଯଥାର୍ଥରେ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଉଦ୍ଦିଷ୍ଟ।

*୨. ଏହି ପ୍ରକଳ୍ପ* ପାଇଁ ୦୨ ଟି ଗ୍ରାମ ରେ ଏକର ୦.୧୨୦ ଡି. ଜାଗା ଅଧିଗୃହିତ ହେବ ଏବଂ ଜିଲ୍ଲାପାଳ, କେନ୍ଦୁଝର ଙ୍କ ପ୍ରଦତ୍ତ ବିବରଣୀ (ରିପୋର୍ଟ) ଅନୁଯାୟୀ ଆଂଶିକ ପରିବାର କ୍ଷତିଗ୍ରସ୍ତ ହେଉଛନ୍ତି ।

୩. ଏହି ପ୍ରକଳ୍ପ ନିମିତ୍ତ ଅଧିଗୃହିତ ହେଉଥିବା ଜମିର ଲୋକଙ୍କ ପାଇଁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଅନୁସାରେ ଏବଂ ଓଡିଶା ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ, ୨୦୧୬ ନିୟମ ଅନୁଯାୟୀ ଉଚିତ କ୍ଷତିପୂରଣ କରାଯିବ ।

୪.ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ପରିମାଣର ଜମି ଅଧିଗ୍ରହଣ କରିବା ପାଇଁ ଧ୍ୟାନ ଦିଆଯାଇଛି ଏବଂ ଏହାଦ୍ୱାରା ଲୋକଙ୍କ ଉପରେ ସର୍ବନିମ୍ନ ବିପରୀତ ପ୍ରଭାବ ପଡିବ ।

୫. ପୂର୍ବରୁ ଏହି ଗ୍ରାମରେ ଅଧିଗୃହିତ ହୋଇଥିବା ବଳକା ଜମି ନାହିଁ । ଏହି ପ୍ରସସ୍ତିକରଣ ଯୋଜନା ଦ୍ୱାରା ସାଧାରଣ ଜନତା ଏବଂ ଜମିହରାମାନେ ଉପକୃତ ହେବେ ।

୬. ପ୍ରଭାବିତ ଗ୍ରାମରେ ଜନଶୁଣାଣି ମଧ୍ୟ କରାଯାଇଅଛି । ଜିଲ୍ଲାପାଳ କେନ୍ଦୁଝରଙ୍କ ଦ୍ୱାରା ପ୍ରେରିତ ପତ୍ର କ୍ରମାଙ୍କ 232/29.05.2023ର ସମସ୍ତ ପ୍ରସ୍ତାବକୁ ବିଚାରକୁ ନେଇ ନିର୍ବାହୀ ଯନ୍ତ୍ରୀ ଡିଭିଜନ-୨, କେନ୍ଦୁଝର ଗ୍ରାମ୍ୟ ଉନ୍ନୟନ ବିଭାଗ, କେନ୍ଦୁଝରକର୍ତ୍ତୃପକ୍ଷ କାର୍ଯ୍ୟ ନିର୍ବାହ କରିବେ ।

ଓଡିଶା ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ, ୨୦୧୬ର ନିୟମ ୧୭ ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ଜିଲ୍ଲାପାଳ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟକୁ ପରୀକ୍ଷା କରି ନିୟମ ୧୫ ଅନୁସାରେ ଓଡିଆ ଭାଷାରେ ଅନୁରୁପ ଭାବରେ ଉପସ୍ଥାପିତ କରାଗଲା । ଏହାପରେ ନ୍ୟାୟୋଚିତ କ୍ଷତିପୁରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧ର ଅଧିନିୟମ ୧ରେ ଘୋଷଣା ପାଇଁ ପ୍ରୟୋଜନ କରାଯିବ ।

**ତଫସିଲ- କ**

( ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ )

ଜିଲ୍ଲା: -କେନ୍ଦୁଝର ତହସିଲ: - କେନ୍ଦୁଝର

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତାନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକରରେ ) | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭. | ୮ |
| ବଡଡେରା | **ସହରାଞ୍ଚଳ** | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୦. ୦୨୦ | ଏଥିସହିତ ସଂଲଗ୍ନ |
| ସରାସ | **ଗ୍ରାମାଞ୍ଚଳ** | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୦.୧୦୦ | ଏଥିସହିତ ସଂଲଗ୍ନ |

ସର୍ବମୋଟ ଜାଗା ଏକର**୦.୧୨୦**ଡି.

# ଭୂମି ଅନୁସୂଚୀ

ପ୍ରକଳ୍ପ ର ନାମ - ମଣ୍ଡୁଆ ରୁ ବଡ଼ବିଲ  ରାସ୍ତାରେ ଅରଡେଇ ନଦୀ ଉପରେ ଏଚ. ଏଲ ପୋଲ ନିର୍ମାଣ

ମୌଜା – ବଡଡେରା

ଥାନା – କେନ୍ଦୁଝର ସଦର

ତହସିଲ – କେନ୍ଦୁଝର ସଦର

ଜିଲ୍ଲା – କେନ୍ଦୁଝର

| କ୍ରମିକ ନଂ | ଖତି ଆନ ନଂ | ପ୍ରଜାର ନାମ ଓ ଠିକଣା | ପ୍ଲଟ୍ ନଂ | କିସମ | ମୋଟ ରକବା | ଅର୍ଜନ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୬୭ | ଲକ୍ଷ୍ମଣ ନାଏକ, ବନମାଳି ନାଏକ, ଜଗବନ୍ଧୁ ନାଏକ, ଅଚ୍ଛୁତା ନାଏକ, ରତ୍ନାକର ନାଏକ, ପି:ବାଣ ନାଏକ ଭାସ୍କର ନାଏକ ପି :ଶିରୋପାଣି ନାଏକ : ଜା:ସାଉଁତି ବା :ନିଜଗାଁ | ୩୮୩ | ଶାରଦ – ୩ | ୦.୮୨ | ୦.୦୨୦ | |
| | | | | ମୋଟ | ୦.୮୨ | ୦.୦୨୦ | |

ଭୂମି ଅନୁସୂଚୀ

ପ୍ରକଳ୍ପ ର ନାମ - ମଣ୍ଡୁଆ ରୁ ବଡ଼ବିଲ  ରାସ୍ତାରେ ଅରଡେଇ ନଦୀ ଉପରେ ଏଚ. ଏଲ ପୋଲ ନିର୍ମାଣ

ମୌଜା – ସରାସ

ଥାନା – କେନ୍ଦୁଝର ସଦର

ତହସିଲ – କେନ୍ଦୁଝର ସଦର

ଜିଲ୍ଲା – କେନ୍ଦୁଝର

| କ୍ରମିକ ନଂ | ଖତିଆନ ନଂ | ପ୍ରଜାର ନାମ ଓ ଠିକଣା | ପ୍ଲଟ୍ ନଂ | କିସମ | ମୋଟ ରକବା | ଅର୍ଜନ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୭୪ | ସରସ୍ୱତୀ ନାଏକ ସ୍ଵା :ଗୟା ନାଏକ ଜା:  ସାଉଁତି ବା : କେନ୍ଦୁଝର ଗଡ, କାଶିପୁର | ୧୭୬ | ତଇଲ – ୧ | ୨. ୦୦ | ୦. ୧୦୦ | |
| | | | | ମୋଟ | ୨. ୦୦ | ୦. ୧୦୦ | |

[No. 20548—RDM-LAC-KNJ-0016/2022-R&DM]

ରାଜ୍ୟପାଳଙ୍କ ଆଦେଶ କ୍ରମେ

ମଧୁସ୍ମିତା ସାହୁ

ଅତିରିକ୍ତ ଶାସନ ସଚିବ

`

Printed and Published by  the Director, Directorate of Printing, Stationery and Publication, Odisha, Cuttack-10

Ex. Gaz. 927—173+0